# NATIONAL NEWS BULLETIN (ODIA)

**25 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣରେ ଆଜି ଦିନ ଗୋଟାଏ ସୁଦ୍ଧା ମତଦାନ ହାର ରହିଛି ପ୍ରାୟ ୩୭ ପ୍ରତିଶତ
- ମେକ୍ ଇନ୍ ଇଣ୍ଡିଆର ଦଶନ୍ଧି ପୂର୍ତ୍ତି ଅବସରରେ ସନ୍ତୋଷ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– କହିଲେ, ଆତ୍ମନିର୍ଭର ଓ ବିକଶିତ ଭାରତ ଲାଗି ସଂସ୍କାରଧର୍ମୀ ପଦକ୍ଷେପ ଜାରି ରହିବ

- ୨୦୩୦ ମସିହା ସୁଦ୍ଧା ଏଡ୍ସ ରୋଗ ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ,ସୂଚନା ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଏବଂ

- ୱାକଫ୍ ସଂଶୋଧନ ବିଲ୍‌ର ସମୀକ୍ଷା ପାଇଁ ଗଠିତ ପାର୍ଲାମେଣ୍ଟର ଯୁଗ୍ମ କମିଟି ଆସନ୍ତା ଶୀତକାଳୀନ ଅଧିବେଶନରେ ରିପୋର୍ଟ ପ୍ରଦାନ କରିବ, କହିଲେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

---

## ଜେକେ ଇଲେକ୍ସନ

ଜାମ୍ମୁକାଶ୍ମୀରରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଦିନ ଗୋଟାଏ ସୁଦ୍ଧା ପ୍ରାୟ ୩୭ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଭୋଟଦାତାମାନେ ଆଗ୍ରହର ସହିତ ଭୋଟ ଦେବା ପାଇଁ ବୁଥ୍ ନିକଟରେ ଅପେକ୍ଷା କରି ରହିଛନ୍ତି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ଭୋଟ ଗ୍ରହଣରେ ପ୍ରାୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ଅଂଶଗ୍ରହଣ କରି ୨୩୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲା ଅନ୍ତର୍ଗତ ୨୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୩ ହଜାର ୫୦୨ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ଅନୁଷ୍ଠିତ ହେଉଛି । ଜାମ୍ମୁ କାଶ୍ମୀରରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ନିର୍ବାଚନ କମିଶନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସେଠାରେ ୩ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯାଉଛି । ଚଳିତ ମାସ ୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାୟ ୬୧ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଥିଲା । ଆସନ୍ତାମାସ ପହିଲାରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ୪୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବ । ଅକ୍ଟୋବର ୮ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାମ୍ମୁ କାଶ୍ମୀର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବହୁ ସଂଖ୍ୟାରେ ମତଦାନ କରିବା ପାଇଁ ଭୋଟଦାତାମାନଙ୍କୁ ଅନୁରୋଧ କରିଛନ୍ତି । ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଭୋଟଦାତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଚଳିତଥର

ପ୍ରଥମଥର ଲାଗି ଭୋଟ ଦେଉଥିବା ଯୁବ ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପିଏମ୍ ମେକ୍ ଇନ୍ ଇଣ୍ଡିଆ

ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ ଅଭିଯାନ ମେକ୍ ଇନ୍ ଇଣ୍ଡିଆକୁ ଆଜି ୧୦ବର୍ଷ ପୂରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ମେକ୍ ଇନ୍ ଇଣ୍ଡିଆ ୧୪୦ କୋଟି ଭାରତୀୟଙ୍କ ଆଶା ପୂରଣ କରି ଏହା ଦେଶକୁ ନିର୍ମାଣ ଓ ଅଭିନବତ୍ୱ କ୍ଷେତ୍ରରେ ଏକ ଶକ୍ତିକେନ୍ଦ୍ରରେ ରୂପାନ୍ତରିତ କରିଛି । ସବୁ ସମ୍ଭାବ୍ୟ ଉପାୟ ଅବଲମ୍ବନ କରାଯାଇ ମେକ୍ ଇନ୍ ଇଣ୍ଡିଆକୁ ସଫଳ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ସେ ଦୋହରାଇଛନ୍ତି । ଏହି ସମୟ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରପ୍ତାନୀ ବୃଦ୍ଧି ପାଇଥିବାରୁ ଅର୍ଥନୀତି ସୁଦୃଢ଼ ହୋଇପାରିଥିବା ଉଲ୍ଲେଖନୀୟ ଘଟଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ୧ ଦଶନ୍ଧି ଧରି ଯେଉଁମାନେ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ସଫଳ କରିବା ଲାଗି ନିରନ୍ତର ପ୍ରୟାସ କରିଚାଲିଛନ୍ତି, ସେମାନଙ୍କୁ ଶ୍ରୀ ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଆଗକୁ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ସବୁପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ଦେଶକୁ ଆତ୍ମନିର୍ଭର ଓ ବିକଶିତ ଭାରତରେ ପରିଣତ କରିବା ଲାଗି ଭାରତ ନେଉଥିବା ପ୍ରତ୍ୟେକଟି ସଂସ୍କାରଧର୍ମୀ ପଦକ୍ଷେପ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

୨୫ ସେପ୍ଟେମ୍ବର ୨୦୧୪ରେ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ ହେବା ପରେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ୍ ନିର୍ମାତା ହେବାର ଗୌରବ ଅର୍ଜନ କରିଛି । ଏଥିସହିତ ମୋବାଇଲ୍ ଆମଦାନୀ ୮୫ ପ୍ରତିଶତ ହ୍ରାସ ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉତ୍ପାଦ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଯୋଗୁଁ ବିଭିନ୍ନ କ୍ଷେତ୍ରରେ ୧ଲକ୍ଷ ୨୮ ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ପାରିଛି । ଗତ ଦଶନ୍ଧିରେ ଭାରତ ପ୍ରତି ଘଣ୍ଟାକରେ ଗୋଟିଏ ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରିଥିବା ବେଳେ ୧୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଛି । କୋଭିଡ ଟିକା ଉଦ୍ଭାବନ କରି ଭାରତ କେବଳ ଯେ ବିଶ୍ୱ ସ୍ତରରେ ମାନ୍ୟତା ହାସଲ କରିଛି ତା'ନୁହେଁ, ଏହା ଏକ ଅଗ୍ରଣୀ ରାଷ୍ଟ୍ର ହେବାରେ ସ୍ୱୀକୃତି ଲାଭ କରିଛି । ବିଶ୍ୱକୁ ୫୦ ପ୍ରତିଶତ କୋଭିଡ ଟିକା ଯୋଗାଇବାରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ଅନୁରୂପ ଭାବେ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସେମି ହାଇସ୍ପିଡ୍ ଟ୍ରେନ୍ ବନ୍ଦେ ଭାରତ ଚଳାଇ ଯୋଗାଯୋଗ କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି । ୟୁପିଆଇ ଜରିଆରେ ଡିଜିଟାଲ ପେମେଣ୍ଟ କ୍ଷେତ୍ରକୁ ବ୍ୟବସ୍ଥିତ କରି ଭାରତ ବିଶ୍ୱର ଡିଜିଟାଲ ପେମେଣ୍ଟ ମଞ୍ଚରେ ନିଜର ସ୍ୱତନ୍ତ୍ର ସ୍ଥିତି ବଜାୟ ରଖିବାରେ ସକ୍ଷମ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ୟୁଏନ୍-ଅନୁପ୍ରିୟା ପଟେଲ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ୨୦୩୦ ମସିହା ସୁଦ୍ଧା ଏଚ୍ଆଇଭି ଓ ଏଡ୍‌ସ ଭଳି ରୋଗର ସଂପୂର୍ଣ୍ଣ

ବିନାଶ କରାଯାଇ ଜାତିସଂଘର ଦୀର୍ଘସ୍ଥାୟୀ ବିକାଶର ଲକ୍ଷ୍ୟକୁ ପୂରଣ କରିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ । ଜାତିସଂଘ ସାଧାରଣସଭାର ଅଣାଅଶିତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପଟେଲ କହିଛନ୍ତି ଏଚ୍‌ଆଇଭି ଏଡ୍‌ସର ମୁକାବିଲା ନିମନ୍ତେ ଭାରତ ବିଶ୍ୱର ସର୍ବାଧିକ ଔଷଧ ଯୋଗାଣକାରୀ ରାଷ୍ଟ୍ର। ଭାରତ ପ୍ରାୟ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ବିଶ୍ୱଶ୍ରେଣୀୟ ଔଷଧ ଯୋଗାଇବାରେ ସମର୍ଥ ହୋଇପାରିଛି । ଶ୍ରୀମତୀ ପଟେଲ କହିଛନ୍ତି ଦେଶରେ ୩କୋଟିରୁ ଊର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କର ମାଗଣାରେ ଏଚ୍‌ଆଇଭି ଏବଂ ସିଫିଲିସ୍ ଟେଷ୍ଟ କରାଯାଉଛି। ସେହିପରି ବାର୍ଷିକ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଆଣ୍ଟି ରିଟ୍ରୋଭାଇରାଲ୍ ଔଷଧ ପ୍ରଦାନ କରାଯାଉଛି। ବାର୍ଷିକ ଏଚ୍‌ଆଇଭି ସଂକ୍ରମଣ ରୋଗୀଙ୍କ ସଂଖ୍ୟା ୨୦୧୦ ମସିହା ପରଠାରୁ ୪୪ ପ୍ରତିଶତ ହ୍ରାସ ପାଇଛି, ସମଗ୍ର ବିଶ୍ୱରେ ମଧ୍ୟ ସଂକ୍ରମଣ ରୋଗୀଙ୍କ ହାର ୩୯ ପ୍ରତିଶତ ହ୍ରାସ ପାଇଥିବା ସେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି ଏଚ୍‌ଆଇଭି ଏବଂ ଏଡ୍‌ସ ନିୟମ ୨୦୧୭ ଆଧାରରେ ଏଚ୍‌ଆଇଭି ନିରାକରଣ ନୀତିକୁ ପ୍ରୋତ୍ସାହିତ କରିବା ଏବଂ ଏ ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ସମସ୍ତ ରାଜ୍ୟ ଅମ୍ବୁଡ୍‌ସମ୍ୟାନ୍ ନିଯୁକ୍ତ କରିବା ଲାଗି କହିଛନ୍ତି।

## ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଅନ୍ତ୍ୟୋଦୟ ଚିନ୍ତାଧାରା ବିଶିଷ୍ଟ ଜାତୀୟତାବାଦୀ ନେତା ତଥା ଚିନ୍ତାନାୟକ ଦୀନଦୟାଲଙ୍କର ଥିଲା ।

ବିକଶିତ ଭାରତ ଗଠନ ଦିଗରେ  ଏହା ପ୍ରମୁଖ ଭୂମିକା ନିର୍ବାହ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶ ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ ସେବା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପଣ୍ଡିତ ଦୀନଦୟାଲଙ୍କୁ ଜଣେ ଦେଶପ୍ରେମୀ, ଜନନାୟକ, ବିଶିଷ୍ଟ ରାଜନୀତିଜ୍ଞ ଭାବେ ଅଭିହିତ କରି ତାଙ୍କର ଅନ୍ତ୍ୟୋଦୟ ଚିନ୍ତାଧାରା ସାମାଜିକ ସଂହତିକୁ ସୁଦୃଢ଼ କରିପାରିଛି ବୋଲି କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ପଣ୍ଡିତ ଦୀନଦୟାଲଙ୍କ ନୂତନ ଅର୍ଥନୈତିକ ଦର୍ଶନ ଭାରତକୁ  କେବଳ ଯେ  ନୂତନ ଦିଗ ନିର୍ଦ୍ଦେଶ ଦେବାରେ ସଫଳ ହୋଇଛି ତାହା ନୁହେଁ ସମଗ୍ର ବିଶ୍ୱ ପାଇଁ ମଧ୍ୟ ଏହା ଉପଯୋଗୀ ହୋଇପାରିଛି । ପଣ୍ଡିତ ଦୀନଦୟାଲଙ୍କ ଚିନ୍ତାଧାରା ଏବଂ ତାଙ୍କର ଜୀବନଶୈଳୀ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

---

# ରିଜିଜୁ-୧୦୦ଡେଜ୍

ୱାକଫ୍ ସଂଶୋଧନ ବିଲ୍‌ର ସମୀକ୍ଷା ପାଇଁ ଗଠିତ ପାର୍ଲାମେଣ୍ଟର ଯୁଗ୍ମ କମିଟି ଆସନ୍ତା ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହରେ ରିପୋର୍ଟ ପ୍ରଦାନ କରିବ ବୋଲି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଶାବ୍ୟକ୍ତ କରିଛନ୍ତି । କମିଟି ଏ ସଂକ୍ରାନ୍ତରେ ଅଦ୍ୟାବଧି ୧ କୋଟିରୁ ଅଧିକ ପ୍ରସ୍ତାବ ଗ୍ରହଣ କରିସାରିଛି । ମୋଦୀଙ୍କ ତୃତୀୟ ପାଳିର ସରକାର ୧୦୦ ଦିନର ସଫଳତା ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ରିଜିଜୁ କହିଛନ୍ତି ୱାକଫ୍ ସଂଶୋଧନ ନେଇ କମିଟି ବିଭିନ୍ନ ସରକାରୀ ଏବଂ

ସାମାଜିକ ସଂଗଠନ ଠାରୁ ପ୍ରସ୍ତାବ ଓ ପରାମର୍ଶ ଗ୍ରହଣ କରି ତାହା ଉପରେ ବିଚାର ବିମର୍ଶ ଜାରି ରଖିଛି । ୱାକଫ ବିଲ୍ ଉପରେ ପୂର୍ବରୁ ସଂଶୋଧନ ହୋଇଥିଲେ ମଧ୍ୟ ଏବେ ତାହା ଉପରେ ବ୍ୟାପକ ଧରଣର ବିଚାରବିମର୍ଶ ଚାଲୁଥିବାରୁ ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ସେ କହିଛନ୍ତି । ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କ ମଙ୍ଗଳ ପାଇଁ ମୋଦୀ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ସେମାନଙ୍କୁ ଉତ୍ତମ ସୁଯୋଗ ଦେବା ଲାଗି ବିଭିନ୍ନ ପ୍ରକାର ଲୋକକଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ମୋଦୀ ସରକାରଙ୍କ ୧୦୦ ଦିନର କାର୍ଯ୍ୟକ୍ରମ ଭିତରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଚଳିତବର୍ଷ ଦିଲ୍ଲୀ ହାଟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରି ସଂଖ୍ୟାଲଘୁ କାରିଗରଙ୍କ ସାମଗ୍ରୀ ପ୍ରଦର୍ଶନ କରିଛି । ଫଳରେ ସେମାନେ ସେମାନଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ଭିତ୍ତିକ ସାମଗ୍ରୀ ପ୍ରଦର୍ଶନ କରିବା ପାଇଁ ପ୍ରମୁଖ ମଞ୍ଚ ପାଇପାରିଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ହିତାଧିକାରୀଙ୍କୁ ହଜାରେ କୋଟି ଟଙ୍କା ଆର୍ଥିକ ସୁବିଧା ଯୋଗାଇ ଦେବାରେ ସରକାର ସଫଳ ହୋଇଛନ୍ତି । ହଜ୍ ଯାତ୍ରା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ଯେ ହଜ୍ ଯାତ୍ରୀଙ୍କ ସୁବିଧା ପାଇଁ ସରକାର ହଜ୍ ସୁବିଧା ଆପ୍ ଶୁଭାରମ୍ଭ କରିଛନ୍ତି । ଏହା ଦ୍ୱାରା ଯାତ୍ରୀମାନେ ସିଧାସଳଖ ହଜ୍ ଯାତ୍ରା ସମ୍ବନ୍ଧୀୟ ତଥ୍ୟ ପାଇପାରୁଛନ୍ତି । ସୂଚନାଯୋଗ୍ୟ ପ୍ରତିବର୍ଷ ଭାରତରୁ ୧ ଲକ୍ଷ ୭୫ ହଜାରରୁ ଅଧିକ ଯାତ୍ରୀ ମକ୍କା ଯାଇଥାନ୍ତି ।

---

# ଝାଡ଼ଖଣ୍ଡ-ଚିଫ୍ ଜଷ୍ଟିସ୍

ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟବିଚାରପତି ଭାବେ ଜଷ୍ଟିସ୍ ଏମ୍.ଏସ୍. ରାମଚନ୍ଦ୍ର ରାଓ ଆଜି ଶପଥ ନେଇଛନ୍ତି। ରାଞ୍ଚିସ୍ଥିତ ରାଜଭବନଠାରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏହି ଶପଥଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ତାଙ୍କ କ୍ୟାବିନେଟ୍‌ର ସଦସ୍ୟଗଣ, ବିଚାରପତିବୃନ୍ଦ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

---

# ଝାଡ଼ଖଣ୍ଡ-ହିମନ୍ତ

ଝାଡ଼ଖଣ୍ଡରେ ବିଧାନସଭା ଦାୟିତ୍ୱରେ ଥିବା ବିଜେପିର ହିମନ୍ତ ବିଶ୍ୱଶର୍ମା କହିଛନ୍ତି ବିଜେପି ଆସନ୍ତା ବିଧାନସଭା ନିର୍ବାଚନରେ ଜେଡିୟୁ ଏବଂ ଏଜେଏସୟୁ ସହ ମିଶି ନିର୍ବାଚନ ଲଢ଼ିବ । ଆସନ ବୁଝାମଣା ନେଇ କୌଣସି ମତପାର୍ଥକ୍ୟ ନାହିଁ ବୋଲି ଶ୍ରୀ ଶର୍ମା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ରାଞ୍ଚିଠାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଶର୍ମା କହିଛନ୍ତି ଅଂଶୀଦାର ଦଳମାନଙ୍କ ସହ ଆସନ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହା ଆସନ୍ତାମାସ ପ୍ରଥମ ସପ୍ତାହରେ ଘୋଷଣା କରାଯିବ ।

---